# ଗ୍ରାମୀଣ କୃଷି ମୌସମ ସେବା
## ଭାରତ ପାଣିପାଗ ବିଭାଗ
## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା - ୮୧ (ଓଡ଼ିଆ ବୁଲେଟିନ୍)　　ସପ୍ତାହ - ୪୧　　ତାରିଖ: ୧୦.୧୦.୨୦୨୫

## ଜିଲ୍ଲା – ବୌଦ୍ଧ

### ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୦୪.୧୦.୨୦୨୫ ରୁ ୧୦.୧୦.୨୦୨୫ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ତାରିଖ | ୦୪ | ୦୫ | ୦୬ | ୦୭ | ୦୮ | ୦୯ | ୧୦ | ୦୪ | ୦୫ | ୦୬ | ୦୭ | ୦୮ | ୦୯ | ୧୦ | ୦୪ | ୦୫ | ୦୬ | ୦୭ | ୦୮ | ୦୯ | ୧୦ |
| ବୌଦ୍ଧ | 30 | 31 | 30 | 31 | 31 | 31 | 31 | 24 | 24 | 25 | 25 | 26 | 25 | 25 | 3.4 | 2.7 | 7.9 | 3.7 | 1.8 | 1.0 | 0.0 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୧୧-୧୦-୨୦୨୫ | ୧୨-୧୦-୨୦୨୫ | ୧୩-୧୦-୨୦୨୫ | ୧୪-୧୦-୨୦୨୫ | ୧୫-୧୦-୨୦୨୫ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 7 | 7 | 6 | 5 | 5 |
| ସର୍ବାଧିକ ତାପମାତ୍ରା (° ସେଣ୍ଟିଗ୍ରେଡ) | 31 | 31 | 32 | 32 | 32 |
| ସର୍ବନିମ୍ନ ତାପମାତ୍ରା (° ସେଣ୍ଟିଗ୍ରେଡ) | 25 | 25 | 25 | 25 | 24 |
| ମେଘ ଆବରଣ(ଓକଟା) | 5 | 5 | 4 | 3 | 3 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 92 | 93 | 90 | 90 | 92 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 59 | 56 | 55 | 54 | 54 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 1 | 1 | 1 | 1 | 1 |
| ପବନର ଦିଗ (ଡିଗ୍ରୀ) | 236 | 198 | 135 | 360 | 124 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

### ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ କିଛିଟା ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ଦେଖାଯାଇପାରେ ଏବଂ ଏହି ସମୟ ଅବଧିରେ ଆକାଶ ଆଂଶିକ ରୁ ସାଧାରଣତଃ ମେଘାଚ୍ଛନ୍ନ ରହିପାରେ । ଆସନ୍ତା ସପ୍ତାହରେ ସର୍ବାଧିକ (ଦିନର) ଓ ସର୍ବନିମ୍ନ ତାପମାତ୍ରାରେ କୌଣସି ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତା ଅଧିକ ରହିବା ସହିତ ୧ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ-ପଶ୍ଚିମ, ଉତ୍ତର-ପଶ୍ଚିମ ଓ ଦକ୍ଷିଣ-ପୂର୍ବ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

### ସାଧାରଣ ଉପଦେଶ

- ପୂର୍ବ ସପ୍ତାହ ତୁଳନାରେ ଆଗାମୀ ଦିନଗୁଡ଼ିକରେ କମ୍ ବର୍ଷା ହେବାର ସମ୍ଭାବନା ଥିବାରୁ, ଚାଷୀମାନଙ୍କୁ ସେହି ସମୟ ମଧ୍ୟରେ ଶୁଷ୍କ ପାଗକୁ ଦେଖି କୌଣସି ପ୍ରକାରର କୃଷି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଅଛି ।
- ଚାଷୀମାନେ ରବି ଫସଲ ଯେପରିକି ତୈଳବୀଜ, ଡାଲିଜାତୀୟ ଫସଲ, ପନିପରିବା ଇତ୍ୟାଦିକୁ ବୁଣିବା ପାଇଁ ଜମି ପ୍ରସ୍ତୁତି ଆରମ୍ଭ କରିଦେବା ଉଚିତ ।
- ପଶୁମାନଙ୍କ ଚାରା ଆବଶ୍ୟକତା ପୂରଣ କରିବା ପାଇଁ ଉପଲବ୍ଧ ମାଟିର ଆର୍ଦ୍ରତାରେ କିମ୍ବା ହାଲୁକା ଜଳସେଚନ କରି ସବୁଜ ଚାରା ବୁଣିବାକୁ ପରାମର୍ଶ ଦିଆଯାଇଅଛି ।
- ଚାଷୀମାନେ ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶ ପାଇଁ ମେଘଦୂତ ମୋବାଇଲ ଆପ ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ ଓ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ ।

## ସଂକ୍ଷିପ୍ତ ଉପଦେଶ

- ଚାଷୀମାନଙ୍କୁ ରବି ଋତୁର ଫସଲ ବୁଣିବା ପାଇଁ ଜମି ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଦେବାକୁ ପରାମର୍ଶ ଦିଆଯାଇଅଛି ।

## ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ ଧାନ | କେଣ୍ଡା ବାହାରିବା / କେଣ୍ଡା ବିକସିତ ହେବା ଅବସ୍ଥା / ଫୁଲ ଅବସ୍ଥା | • ଧାନର ଏହି ଅବସ୍ଥାରେ ଖେତରେ ପର୍ଯ୍ୟାପ୍ତ ଆର୍ଦ୍ରତା ରଖି ୟୁରିଆ ସାରର ପ୍ରୟୋଗ କରନ୍ତୁ ।<br>• ଚାଷୀଭାଇମାନେ ଚକଡା, ନଳି ପୋକ ଓ ବଙ୍ଗି ପୋକର ଆକ୍ରମଣ ଏବଂ ପତ୍ର ଛାଦ ପୋଡା ରୋଗ ବିରୁଦ୍ଧରେ ସେମାନଙ୍କ କ୍ଷେତର ନିୟମିତ ନିରୀକ୍ଷଣ କରନ୍ତୁ ।<br>• ଚକଡା ପୋକର ନିୟନ୍ତ୍ରଣ ହେତୁ ପୋକ ଲାଗିଥିବା ସମୟରେ ନାଇଟ୍ରୋଜେନଯୁକ୍ତ ସାର ବ୍ୟବହାର କରିବାରୁ ବଞ୍ଚନ୍ତୁ, କ୍ଷେତରେ ପାଣି ଜମି ରହିବାକୁ ରୋକିବା ପାଇଁ ବିକଳ୍ପ ଓଦା ଓ ଶୁଖା କୌଶଳ ବ୍ୟବହାର କରନ୍ତୁ । ଯଦି ତଥାପି ମଧ ସମସ୍ୟା ଲାଗି ରହେ, ତେବେ ଟ୍ରାଇଫ୍ଲୁମେଜୋପାଇରିମ୍ ୧୦% ଏସ୍.ସି. @ ୯୪ ମିଲି କିମ୍ବା ପାଇମେଟ୍ରୋଜିନ୍ ୫୦% ଡବ୍ଲୁ.ଜି. @ ୧୨୦ ଗ୍ରାମ କିମ୍ବା ଡାଇନୋଟେଫ୍ୟୁରାନ୍ ୨୦% ଏସ୍.ଜି. @ ୮୦ ଗ୍ରାମ କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ % ଏସ୍.ଏଲ୍. @ ୫୦ ମିଲି କିମ୍ବା ଏସିଫେଟ୍ ୭୫% ଏସ୍.ପି. @ ୪୦୦ ଗ୍ରାମ ପ୍ରତି ଏକରକୁ ୨୦୦ ଲିଟର ପାଣିରେ ମିଶାଇ ଖେତରେ ପ୍ରୟୋଗ କରନ୍ତୁ । |
| ରବି ଫସଲ | ବୁଣା ପୂର୍ବ ଅବସ୍ଥା ଓ ଜମି ପ୍ରସ୍ତୁତି | • ଆବଶ୍ୟକୀୟ ସାରର ସଠିକ୍ ପରିମାଣ ନିର୍ଣ୍ଣୟ କରିବା ପାଇଁ ମାଟିର ପୁଷ୍ଟିକର ସ୍ଥିତି ପରୀକ୍ଷା ନିଶ୍ଚୟ କରାନ୍ତୁ ।<br>• ମାଟିର ସ୍ୱାସ୍ଥ୍ୟକୁ ଉନ୍ନତ କରିବା ପାଇଁ ଜମି ପ୍ରସ୍ତୁତି ସମୟରେ ଭଲ ଭାବରେ ପଚିଯାଇଥିବା ବା ସଢିଯାଇଥିବା ଗୋବର ଖତ କିମ୍ବା କମ୍ପୋଷ୍ଟ ମାଟିରେ ମିଶାଇ ଦିଅନ୍ତୁ ।<br>• ଡାଲିଜାତୀୟ, ତୈଳବୀଜ ଏବଂ ପନିପରିବା ପରି ରବି ଫସଲର ଉଚ୍ଚମାନର, ପ୍ରତିକୂଳ ପରିସ୍ଥିତିକୁ ସହନଶୀଳ କିସମ ବାଛନ୍ତୁ । |
| ଆମ୍ବ | ଅଂଗିୟ ଅବସ୍ଥା (ନୁଆଁ ବଗିଚା) | • ପ୍ରଚଳିତ ପାଗ ଯୋଗୁଁ, କିଛି ନୂତନ ଭାବରେ ଲଗାଯାଇଥିବା ଆମ୍ବ ଗଛରେ ପତ୍ର ଖାଉଥିବା ପୋକର ଆକ୍ରମଣ ଦେଖାଯାଇପାରେ, ତେଣୁ ଚାଷୀଭାଇମାନଙ୍କୁ ନିୟମିତ ଭାବରେ ସେମାନଙ୍କ ବଗିଚାର ତଦାରଖ କରିବାକୁ ପରାମର୍ଶ ଦିଆଯାଉଛି । |
| ପନିପରିବା ଚାଷ | ଅଂଗିୟ ଅବସ୍ଥା / ଫୁଲ ଓ ଫଳ ଅବସ୍ଥା | • ପନିପରିବା ଖେତରେ ଫଳ ମାଛି, ଫଳ ବିନ୍ଧା ଏବଂ ଫଳ ଓ କାଣ୍ଡ ବିନ୍ଧା ପୋକର ଆକ୍ରମଣ ପ୍ରତି ସତର୍କ ରୁହନ୍ତୁ ଏବଂ ଏହା ବିରୁଦ୍ଧରେ ନିୟମିତ ଗଛର ନିରୀକ୍ଷଣ କରୁଥାନ୍ତୁ ।<br>• ପ୍ରଚଳିତ ପାଗ ଯୋଗୁଁ ଆଗାମୀ ଦିନରେ କବକ ଜନିତ ରୋଗ ଆକ୍ରମଣର ସମ୍ଭାବନା ବୃଦ୍ଧି ହୋଇପାରେ, ତେଣୁ ଏହାର ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଝଡ଼ବର୍ଷା ସମୟରେ ପ୍ରବଳ ପବନରୁ ଫସଲକୁ ରକ୍ଷା କରିବା ପାଇଁ ଯାନ୍ତ୍ରିକ ସହାୟତା ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଅଛି । |
| ଗୋରୁ ଗାଈ ଓ ମଇଷି | • ସ୍ତନହରା ଓ ଫାଟୁଆ ରୋଗର ଆକ୍ରମଣ ପ୍ରତି ସାବଧାନ ରୁହନ୍ତୁ କାରଣ ପ୍ରଚଳିତ ପାଗ ଯୋଗୁଁ ଏହି ରୋଗଗୁଡ଼ିକର ଆକ୍ରମଣ ପଶୁମାନଙ୍କ ମଧ୍ୟରେ ଅଧିକ ବ୍ୟାପିପାରେ । ଫାଟୁଆ ରୋଗର ପ୍ରତିକାର ପାଇଁ ୪ ମାସରୁ ଅଧିକ ବୟସର ପଶୁକୁ ପ୍ରତି ୬ ମାସରେ ଥରେ ଫାଟୁଆ ଟୀକା ଦେବା ଜରୁରୀ ହୋଇଥାଏ ଓ ପ୍ରଥମ ଟୀକାକରଣର ୨୮ ଦିନ ପରେ ଆଉ ଏକ ବୁଷ୍ଟର ଟୀକା ଦେବା ଉଚିତ । ଟୀକାକରଣ ପୂର୍ବରୁ କୃମିନାଶକ ଔଷଧର ସେବନ କରାନ୍ତୁ ଏହାଦ୍ବାରା ଟୀକାକରଣର ଅଧିକ ସୁଫଳ ମିଳିଥାଏ । | |
| କୁକୁଡ଼ା | • ପ୍ରଚଳିତ ପାଗ ଯୋଗୁଁ, କୁକୁଡ଼ା ଫାର୍ମରେ ରାଣୀଖେତ ବା ଘୁମା ରୋଗ ଆକ୍ରମଣର ଲକ୍ଷଣ ଦେଖାଯାଉଛି, ତେଣୁ ଏହି ରୋଗକୁ ନିୟନ୍ତ୍ରଣ କରିବା ପାଇଁ, କୁକୁଡ଼ା ଛୁଆମାନଙ୍କୁ ୧ ରୁ ୭ ଦିନ ବୟସରେ ଏବଂ ତା'ପରେ ପୁଣି ୨୦ ରୁ ୨୮ ଦିନ ବୟସରେ ରାଣୀଖେତ ରୋଗ ପ୍ରତିରୋଧୀ ଟୀକା ନିଶ୍ଚୟ ଦିଅନ୍ତୁ ଏବଂ ଆବଶ୍ୟକ ସ୍ଥଳେ ନିକଟସ୍ଥ ପଶୁ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ । | |



| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |





- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ହ୍ୱୋକ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ ।

- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ।